Largest Circulated Odia Daily

SAMBAD ସମ୍ବାଦ ସର୍ବାଧିକ ପ୍ରଚାରିତ ଓଡ଼ିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT www.kiit.org



**ନଟବର ସିଂହ ବୈଦେଶିକ ମନ୍ତ୍ରୀ ପଦ ହରାଇଲେ, ଏବେ ବିଭାଗହୀନ ମନ୍ତ୍ରୀ ରହିବେ, ଅଭିଯୋଗମୁକ୍ତ ହେବା ପରେ**

ତାରିଖ : ୧୧/୭/୨୦୦୫

■ ମୁଖ୍ୟ ପୃଷ୍ଠା
■ ଜାତୀୟ ଖବର
■ ଆନ୍ତର୍ଜାତିକ ଖବର
■ କ୍ରୀଡା ଖବର
■ ସଂପାଦକୀୟ
■ ମହାନଗର ଖବର
■ ସାକ୍ଷାତକାର
■ ବିଜ୍ଞାପନ
■ ପାଠକୀୟ ମତାମତ
■ ସଂସ୍କରଣ ଅଭିଲେଖ
■ ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୯.୩ | ୩୦.୦ |
| କଟକ | ୧୭.୫ | ୩୧.୧ |
| ବାଲେଶ୍ୱର | ୧୭.୫ | ୩୦.୮ |
| ଗୋପାଳପୁର | ୨୨.୦ | ୩୦.୯ |
| ଝାରସୁଗୁଡ଼ା | ୧୫.୫ | ୩୦.୨ |

ବିତର୍କ/ମତାମତ ସଂଗ୍ରହ

ମନ୍ତ୍ରୀ ପଦ ହରାଇବା ପୂର୍ବରୁ ଇସ୍ତଫା ଦେବା ନଟବରଙ୍କ ପକ୍ଷେ ଉଚିତ ହୋଇଥାଆନ୍ତା କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

• ଜାତୀୟ ବିଜ୍ଞାନ ସଂସ୍ଥାର ପ୍ରତିଷ୍ଠା ପାଇଁ ଦଳମତ ନିର୍ବିଶେଷରେ ଦାବି ହେଉ

ଭୁବନେଶ୍ୱର, (ଇମିସ): ଓଡ଼ିଶାରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥାର କୋଲକାତାକୁ ସ୍ଥାନାନ୍ତରଣ ନିଷ୍ପତ୍ତି ଏକ ଦୁର୍ଭାଗ୍ୟଜନକ ଘଟଣା । କେନ୍ଦ୍ର ସରକାର ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ଦଳମତ ନିର୍ବିଶେଷର ଦାବି କରିବାକୁ ଆଗାମୀ ଓଡ଼ିଶା ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ଆନୁକୂଲ୍ୟରେ ଆୟୋଜିତ ଗଣ କନଭେନସନରେ ମତ ପ୍ରକାଶ ପାଇଛି ।

ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନ୍ସିଲ୍ ହଲରେ ଆୟୋଜିତ ଏହି କନଭେନସନରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ପ୍ରଶାସକ, ଛାତ୍ରନେତାମାନେ ଯୋଗ ଦେଇ କେନ୍ଦ୍ରର ଏହି ନିଷ୍ପତ୍ତିକୁ ଘୋର ବିରୋଧ କରିଥିଲେ । ସେମାନେ ମତ ଦେଇଥିଲେ ଯେ କେନ୍ଦ୍ର ସରକାର ଭୁବନେଶ୍ୱରଠାରେ ଏହି ପ୍ରତିଷ୍ଠାନ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏଥି ପାଇଁ ରାଜ୍ୟ ସରକାର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବର୍ତ୍ତମାନର କେନ୍ଦ୍ର ସରକାର ଏହାର ନାମ ପରିବର୍ତ୍ତନ କରି ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ କୋଲକାତା ଓ ପୁନେଠାରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଛନ୍ତି । ଏହା ନିଶ୍ଚିତ ଭାବେ ଓଡ଼ିଶା ପାଇଁ ଅପମାନଜନକ ଘଟଣା । ଓଡ଼ିଶା ଭିତରେ କେବଳ ଆଲୋଚନା କରିଦେଲେ ହେବ ନାହିଁ । ଓଡ଼ିଶାବାସୀଙ୍କ ପ୍ରତିବାଦର ସ୍ୱର କିପରି କେନ୍ଦ୍ର ସରକାରଙ୍କ ନିକଟରେ ପହଞ୍ଚିପାରିବ, ସେଥି ପାଇଁ ଉଦ୍ୟମ ହେବା ଆବଶ୍ୟକ । ଏହି କନଭେନସନରେ ଅର୍ଥନୀତିଜ୍ଞ ତ୍ରିଲୋଚନ ପ୍ରଧାନ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ଆୟକର ବିଭାଗର ପୂର୍ବତନ ଡିଜି ଧୀରେନ୍ କୁମାର ରାୟ, ପ୍ରଫେସର ସଚ୍ଚିଦାନନ୍ଦ ତ୍ରିପାଠୀ, ପ୍ରଫେସର ଗଗନ ବିହାରୀ, ଗଙ୍ଗାଧର ପାଣିଗ୍ରାହୀ, ଅମୀୟ ମହାନ୍ତି, ରଞ୍ଜନ ମହାନ୍ତି, କସ୍ତୁରୀ ମହାପାତ୍ର, ଲଳିତ ମିଶ୍ର, ନମ୍ରତା ଚଢ଼ା, ଛାତ୍ରନେତା ପ୍ରଣବ ପ୍ରକାଶ ସାହୁ, ଚିନ୍ମୟ ଜେନା ଓ ଧନଦ ମିଶ୍ର ପ୍ରମୁଖ ଯୋଗ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ ଏବଂ ଡକ୍ଟର ସନ୍ତୋଷ ତ୍ରିପାଠୀ ସଂଯୋଜନା କରିଥିଲେ । କନଭେନସନ ଆରମ୍ଭରେ ଆଗାମୀ ଓଡ଼ିଶାର ଆଭିମୁଖ୍ୟ ସମ୍ପର୍କରେ ସୁଦର୍ଶନ ଦାସ ସୂଚନା ଦେଇଥିଲାବେଳେ ସୁପ୍ରୀତି ମିଶ୍ର ଭିତ୍ତି ପ୍ରବନ୍ଧ ପାଠ କରିଥିଲେ ।

କନଭେନସନରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ହେଲା ଦ



**ମନ୍ତ୍ରୀ ପଦ ହରାଇଲେ ନଟବର ସିଂହ । ଏବେ ବିଭାଗହୀନ ମନ୍ତ୍ରୀ ରହିବେ । ବୈଦେଶିକ ବିଭାଗ ପ୍ରଧାନମନ୍ତ୍ରୀ ହାତରେ ରଖିବେ ।**

ଅନ୍ୟାନ୍ୟ ଖବର

• ବରେଇପାଲିରେ ଚୌକିଦାରକୁ ନିର୍ମମ ହତ୍ୟା, ୧୬ ଘଣ୍ଟା ପରେ ହାତ, ଗୋଡ଼ ବନ୍ଧା ଉଲଗ୍ନ ଶବ ଉଦ୍ଧାର
• ବିଏସ୍‌ପି ଜିଲ୍ଲା ସଂପାଦକ ସରପଞ୍ଚ ଭାବେ ନିର୍ବାଚିତ
• ବଳାତ୍କାର ଉଦ୍ୟମ କରି ବିଫଳ ହେବାରୁ ମା'-ଝିଅଙ୍କୁ ଭୁଜାଲି ମାଡ଼
• ଶିଶୁ କନ୍ୟାକୁ ରାସ୍ତା କଡ଼ରେ ଫିଙ୍ଗି ମା' ଫେରାର୍
• ନାବାଳିକା ଧର୍ଷଣକାରୀ ଗିରଫ
• ଛୁରିମାଡ଼ରେ ଧର୍ଷଣ ଆସାମୀର ମୃତ୍ୟୁ
• ଐତିହାସିକ କୋଶଳ କଳା ମଣ୍ଡଳ ଦୁଲୁକୁଛି
• ଖଣ୍ଡାପଡ଼ା କାଳୀପୂଜାର ଶହେ ବର୍ଷ ପୂର୍ତ୍ତି
• ବାପ-ପୁଅ ମୃତ୍ୟୁ ଘଟଣା: ସ୍କୁଲ ଏସ୍‌ଆଇ ଓ ଗୁଣିଆ ସମେତ ୩ ଗିରଫ
• ଦୁଇ ଅନ୍ତଃରାଜ୍ୟ ଅପରାଧୀ ଜୟପୁରରୁ ଗିରଫ
• ଜାତୀୟ ରାଜପଥରେ ହାତୀ ଉପଦ୍ରବ, ସନ୍ଧ୍ୟା ପରେ ଯାତାୟାତ ବନ୍ଦ
• ଖାଉଟି ଅଦାଲତ ଦ୍ୱାରା ବିଏସ୍ଏନ୍ଏଲ୍ ଦଣ୍ଡିତ
• ଗ୍ରାମବାସୀଙ୍କୁ ଓଏସ୍ଏପି ଯବାନଙ୍କ ମାଡ଼
• କାଠ ଫାଳିଆ ମାଡ଼ରେ ସ୍ତ୍ରୀ ମୃତ, ସ୍ୱାମୀ ଗିରଫ
• ମାମାଦ୍ୱାରା, ମୀନାଅପା ସେକ୍ସକ୍ୟାମ୍ପର ବହୁ ଗୁମର ଫିଟିଲା
• ଗ୍ରାମୀଣ ଅର୍ଥନୀତିରେ କ୍ରାନ୍ତି ଆଣିବାକୁ ଏସ୍.ବି.ଆଇ ସଂକଳ୍ପବଦ୍ଧ: ପୁରସ୍କାର୍
•

ଜନମତ ନିର୍ବିଶେଷରେ ଆଗାମୀ ବିଧାନସଭାରେ ଏକ ପ୍ରସ୍ତାବ ଗୃହୀତ କରିବା ପାଇଁ ବିଧାୟକମାନଙ୍କୁ ଅନୁରୋଧ କରିବା, ସମସ୍ତ ସାଂସଦଙ୍କୁ ସଂସଦରେ ଏହି ପ୍ରସଙ୍ଗ ଉପସ୍ଥାପନ କରିବା ପାଇଁ ଅନୁରୋଧ କରିବା, ରାଜ୍ୟସ୍ତରୀୟ ଛାତ୍ର କନଭେନସନ କରି ଦାବି ଉପସ୍ଥାପନା କରିବା, ବୁଦ୍ଧିଜୀବୀମାନଙ୍କୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିବା ଏବଂ ନୀରବ ଶୋଭାଯାତ୍ରାରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବା । ଏଥି ପାଇଁ ବିଧିବଦ୍ଧ ଭାବେ ପ୍ରଫେସର ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଟେକନିକାଲ କମିଟି ଓ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଷ୍ଟିୟରିଂ କମିଟି ଗଡ଼ାଯାଇଥିଲା ।

ପୂର୍ବପୃଷ୍ଠା


ମୀନାଅପା, ରାଜପଥ ସେକ୍ସ କ୍ୟାମ୍ପଗୁଡ଼ିକର ରିମୋଟ୍ କଣ୍ଟ୍ରୋଲର୍!

- ପାଟଣାଃ ଟ୍ରାକ୍ଟରରୁ ଖସି ପଡ଼ି ମହିଳା ଶ୍ରମିକ ମୃତ
- ସ୍ଲିଟ୍ ଲ୍ୟାମ୍ପର ବ୍ୟବହାର ଉପରେ କର୍ମଶାଳା
- ଆଠଗଡ଼ଃ ଓକିଲଙ୍କ ଜାମିନ ପାଇଁ ଓକିଲ ମିଳିଲେନି
- ରାଜ୍ୟସ୍ତରୀୟ କବିତା ପାଠୋତ୍ସବ
- ତୃତୀୟ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣଃ ଏଥର ରାଜ୍ୟ ପରିବାର ସ୍ୱାସ୍ଥ୍ୟ କଲ୍ୟାଣ ପ୍ରତିଷ୍ଠାନକୁ ଦାୟିତ୍ୱ
- କୋସଲୀ ଏକତା ମଂଚ ପକ୍ଷରୁ ଆଜି ରାଜଭବନ ସମ୍ମୁଖରେ ଗଣଧାରଣା
- ନଟବର୍ ସିଂ ମାମଲା ଆମେରିକାର ଚାଲବାଜି


Copyright © 2001 orissasambad.com

Site Developed by : www.wayindia.com